ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୦ ଅଗଷ୍ଟ,୨୦୨୦



## କୋଶଲେଶ୍ୱରୀ ପୀଠରେ ନବାନ୍ନ ଚରୁ ଅର୍ପଣ

ଟିଟିଲାଗଡ଼(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଲଇତରା କୁମୁଡିପଦର କୋଶଲେଇ ବନସ୍ଥିତ କୋଶଲେଶ୍ୱରୀ ଶକ୍ତିପୀଠରେ ବୁଧବାର ସପ୍ତପୁରୀ ଅମାବାସ୍ୟା ତିଥିରେ ବିଧିମତେ ନବାନ୍ନ ଚରୁ ଅର୍ପଣ କରାଯାଇଛି। ପରମ୍ପରା ମୁତାବକ ସେବାୟତ, ପୂଜକ, ଜାନୀଙ୍କ ଗହଣରେ ଦେବୀଙ୍କୁ ଆବାହନ ସହ ନୂଆ ଧାନରୁ ପ୍ରସ୍ତୁତ ନବାନ୍ନ ଚରୁ ଅର୍ପଣ କରାଯାଇଛି। ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ କରାଯିବା ସହ କରୋନାରୁ ମୁକ୍ତି ପାଇଁ ଦେବୀଙ୍କୁ ପ୍ରାର୍ଥନା କରାଯାଇଥିବା ନିତ୍ୟା ମାଝୀ କହିଛନ୍ତି। ଯଜ୍ଞକର୍ମରେ ବଳରାମ ଜାନୀ, ଦେଶ ଜାନୀ, କୃପା ମାଝୀ, ପୀଠ ଜାନୀ, ରାଏସିଂ ମାଝୀ ପ୍ରମୁଖ ବିଧି ସମ୍ପନ୍ନ କରିଥିଲେ।

# ସଂକ୍ଷେପରେ

## ଲଦଲଦା ଗ୍ରାମରେ ୧୪୪ ଧାରା ଜାରି

ରେଢ଼ାଖୋଲ, ୧୯।୮ (ଡି.ଏନ.ଏ.): ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ମୋଚିବାହାଲ ପଞ୍ଚାୟତ ଅନ୍ତର୍ଗତ ଲଦଲଦା ଗ୍ରାମରେ ୧୪୪ ଧାରା ଜାରି କରାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳର ୩୦୦ ମିଟର ଦୂରତ୍ୱ ମଧରେ ୧୪୪ ଧାରା ବଳବତ୍ତର ରହିବ ବୋଲି ଉପଜିଲାପାଳ ପଦ୍ମନାଭ ବେହେରା ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନାଯୋଗ୍ୟ ଏହି ଗ୍ରାମରେ ଜଣେ ମହିଳା ଓ ଜଣେ ପୁରୁଷଙ୍କ କରୋନା ପଜିଟିଭ ବାହାରିବା ପରେ ପ୍ରଶାସନ ଏହି ନିଷ୍ପତ୍ତି ଗ୍ରହଣ କରିଛି। ଏଥିସହିତ ସରପଞ୍ଚ ସୁଶାନ୍ତ ପ୍ରଧାନ ଲଦଲଦା ଗ୍ରାମକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି।

## ବୌଦ୍ଧରେ ପଜିଟିଭ୍ ସଂଖ୍ୟା ୪୯୮

ବୌଦ୍ଧ,୧୯।୮(ସ୍ୱ.ପ୍ର.):ବୌଦ୍ଧ ଜିଲାରେ କରୋନାସ୍ଥିତ ଅଣାୟତ ହେବାରେ ଲାଗିଛି। ବୁଧବାର ପଜିଟିଭ ସଂଖ୍ୟା ୪୯୮ରେ ପହଞ୍ଚିଛି। ଜିଲାର ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ନାରାୟଣ ନଗର ଗାଁ ହଟସ୍ପଟ ପାଲଟିଛି। ଏହି ଗାଁରେ ୨୪୨ ଜଣ ସଂକ୍ରମିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ଦୋକାନ ବଜାର ସକାଳ ୭ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଖୋଲା ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ହେଲେ କରୋନା କଟକଣାକୁ ସମସ୍ତେ ମାନି ଚଳିବାକୁ ପରାମର୍ଶ ଦିଆଯାଇଛି। ଯଦି ଏଥିରେ ବ୍ୟତିକ୍ରମ ଘଟେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ମୌଳିକ ସୁବିଧାରୁ ବଞ୍ଚିତ କୁଇବାହାଲ ପଡ଼ାବାସୀ

ଲାଠୋର, ୧୯।୮(ଡି.ଏନ.ଏ.) : ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅନ୍ତର୍ଗତ ଗୁର୍ଜିଭଟା କୁଇବାହାଲ ପଡ଼ାବାସୀ ବିଭିନ୍ନ ମୌଳିକ ସବୁଧା ପାଇବାରୁ ବଞ୍ଚିତ ରହିଛନ୍ତି। ନିଜସ୍ୱ ଜମି ନ ଥିବାରୁ ୧୫ପରିବାର ଗ୍ରାମମୁଣ୍ଡ ଡ୍ୟାମ୍ ନିକଟରେ ଥିବା ପାଟପାଣି ଡୁଙ୍ଗୁରୀରେ ଝୁମ୍ପୁଡି କରି ରହୁଛନ୍ତି। ହେଲେ ସେଠାକୁ ଭଲ ରାସ୍ତା ନାହିଁ ପଡ଼ାରେ ଥିବା ନଳକୂପରୁ ଆବଶ୍ୟକ ମୁତାବକ ପାଣି ବାହାରୁ ନାହିଁ। ତେଣୁ ଲୋକେ ଡ୍ୟାମ୍ ପାଣି ପିଇବା ପାଇଁ ବାଧ ହେଉଛନ୍ତି। ବିଦ୍ୟୁତ୍ ଯୋଗାଣ ପାଇଁ ମୁଖ୍ୟରାସ୍ତାରୁ ପଡ଼ା ପର୍ଯ୍ୟନ୍ତ ୧୩ଟି ଖୁଣ୍ଟ ପୋତା ଯାଇଛି। ହେଲେ ୩ଟି ଖୁଣ୍ଟ ପର୍ଯ୍ୟନ୍ତ ତାର ଟଣାଯାଇ କାମ ଅଟକି ରହିଛି। ଫଳରେ ପଡ଼ାବାସୀଙ୍କର ବିଜୁଳି ଆଲୋକ ପାଇବା ସ୍ୱପ୍ନ ଅଧୁରା ରହିଯାଇଛି। ଏହି ସବୁ ସମସ୍ୟା ପାଇଁ ସେମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଭୂମିହୀନ ହୋଇଥିବାରୁ ବର୍ଷର ଅର୍ଦ୍ଧାଧିକ ସମୟ ସେମାନେ ଦାଦନ ଖଟିବାକୁ ବାହାରକୁ ଚାଲି ଯାଉଛନ୍ତି। ଏ ନେଇ ତୁରେକେଲା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ସମସ୍ୟା ଅନୁଧାନ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଅନ୍ୟ ଜିଲା ନେତାଙ୍କ ଆଧିପତ୍ୟକୁ ବିରୋଧ

**ଝାରସୁଗୁଡ଼ା ଜିଲା**

**ଭାଜପା କର୍ମୀଙ୍କ ବିଦ୍ରୋହ ଆରମ୍ଭ**

ଝାରସୁଗୁଡ଼ା ଅଫିସ,୧୯।୮

ଝାରସୁଗୁଡ଼ା ଜିଲା ଭାଜପା କର୍ମୀଙ୍କ ମଧ୍ୟରେ ଗତ କିଛିଦିନ ହେବ ଶୀତଳଯୁଦ୍ଧ ଆରମ୍ଭ ହୋଇଛି। ଜିଲାରେ ସ୍ଥାନୀୟ ନେତାଙ୍କ ଅପେକ୍ଷା ଅନ୍ୟ ଜିଲା ନେତାଙ୍କ ଆଧିପତ୍ୟ ବଢ଼ି ଚାଲିଛି । ଜିଲା ନେତୃବର୍ଗଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏହାକୁ ବିରୋଧ କରି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହା ଦଳ ଭିତରେ ବିବାଦ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲାରେ ଚାଷୀଙ୍କ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏଥିସହିତ ଜିଲା ପ୍ରଶାସନର ଅପାରଗତା ଆଦି କାର୍ଯ୍ୟକୁ ବିଭିନ୍ନ ସମୟରେ ଜିଲାର ପ୍ରମୁଖ ବିରୋଧୀ ରାଜନୈତିକ ଦଳ ଭାବେ ଭାଜପା ପକ୍ଷରୁ ବିରୋଧ କରାଯାଉଛି। ଏହି ସବୁ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ। ତାଙ୍କର ନିଜସ୍ୱ ଘର ସୁନ୍ଦରଗଡ଼ରେ ହୋଇଥିବା ବେଳେ ସେ ସମ୍ବଲପୁର ଜିଲାର ପର୍ଯ୍ୟବେକ୍ଷକ ଅଛନ୍ତି। ହେଲେ ଗତ ସାଧାରଣ ନିର୍ବାଚନ ପରଠାରୁ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି। ସ୍ଥାନୀୟ କେତେଜଣ ନେତା ଓ ଯୁବକର୍ମୀଙ୍କୁ ନେଇ ସେ ଏପରି କାର୍ଯ୍ୟକ୍ରମ କରୁଛନ୍ତି ।

ତେବେ ଏହାକୁ ଖୋଲାଖୋଲି ବିରୋଧ କରିଛନ୍ତି ଭାଜପା ଜିଲା ଓବିସି ମୋର୍ଚ୍ଚାର ପୂର୍ବତନ ସଭାପତି ଦୀପକ ପଟେଲ। ଦୀପକ ଗଣମାଧମକୁ କହିବା ମୁତାବକ ଝାରସୁଗୁଡ଼ାରେ ନେତୃତ୍ୱର ଅଭାବ ନାହିଁ । ହେଲେ ଅନ୍ୟ ଜିଲାରୁ ନେତା ଆସି ଏଠାରେ ଅଯଥା ହସ୍ତକ୍ଷେପ କରୁଛନ୍ତି। ସମସ୍ତ କାର୍ଯ୍ୟକ୍ରମରେ ସେ ନେତୃତ୍ୱ ନେଇ ନିଜ ପତିଆରା ଦେଖାଉଛନ୍ତି। ସଙ୍ଗଠନକୁ ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କରୁଛନ୍ତି । ଏହାକୁ ସେ ବିରୋଧ କରି ଜିଲା ସଙ୍ଗଠନକୁ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେ ଏବଂ ଅନ୍ୟ କର୍ମୀମାନେ ଜିଲାରେ ହେଉଥିବା ଭାଜପାର କୌଣସି କାର୍ଯ୍ୟକ୍ରମକୁ ଯାଉ ନ ଥିବା ଦୀପକ ସ୍ପଷ୍ଟ କରିଛନ୍ତି। ସେହିପରି ରାଜ୍ୟ ସଙ୍ଗଠନକୁ ସେ ଏ ନେଇ ଜଣାଇବେ ବୋଲି କହିଛନ୍ତି।

ଅନ୍ୟପକ୍ଷେ ଏ ନେଇ ଜିଲା ସଭାପତି ମଙ୍ଗଳ ସାହୁଙ୍କୁ ପଚାରିବାରୁ ଭାଜପାର କୌଣସି କାର୍ଯ୍ୟକ୍ରମରେ ଜିଲା କିମ୍ବା ରାଜ୍ୟର ନେତାମାନେ ସାମିଲ ହେଲେ କାହାରିକୁ ମନା କରିହେବ ନାହିଁ। ହେଲେ କେଉଁ ଉଦ୍ଦେଶ୍ୟରେ ସମ୍ପୃକ୍ତ ନେତା ଏପରି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ତାହା ସେ କିଭଳି ଜାଣିବେ। ଜିଲା ନେତାମାନେ ଦଳ ପାଇଁ କାର୍ଯ୍ୟ କରିବା ଲାଗି ବହୁ ସୁଯୋଗ ରହିଛି। ସମସ୍ତେ ଦଳ ପାଇଁ କାର୍ଯ୍ୟ କରିପାରିବେ। ଏହା ସମ୍ପୂର୍ଣ୍ଣ ଭାବେ ଦଳୀୟ କଥା ବୋଲି ସେ କହିଛନ୍ତି । ସେହିପରି ଦଳୀୟ କର୍ମୀଙ୍କ ଉପରୋକ୍ତ ଅଭିଯୋଗ ସମ୍ପର୍କରେ ଭାଜପା ରାଜ୍ୟ ସମ୍ପାଦକ ତ୍ରିପାଠୀଙ୍କୁ ପଚାରିବାରୁ କାହାର ମତ କ'ଣ ରହିଛି କିଛି କହି ହେବ ନାହିଁ। ଭାଜପା ଏକ ଗଣତାନ୍ତ୍ରିକ ଦଳ। ଅନ୍ୟ ଦଳ ଭଳି କାହାର ଏଠାରେ ଆଧିପତ୍ୟ ନାହିଁ । ସେ ଜନସେବା ପାଇଁ ଅଛନ୍ତି । ଜନସେବା କରୁଛନ୍ତି ବୋଲି କହି ଅନ୍ୟ ପ୍ରଶ୍ନଗୁଡିକୁ ଏଡାଇ ଯାଇଥିଲେ।

## ମିଳିନି ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ରାଶି

ଲୋଇସିଂହା, ୧୯।୮(ଡି.ଏନ.ଏ.): ୨୦୧୯-୨୦ ଖରିଫ ଚାଷ ବେଳେ ଅନିୟମିତ ବର୍ଷା ଯୋଗୁ ପ୍ରଥମେ ମରୁଡି ପରିସ୍ଥିତି ଉପୁଜିଥିଲା । ପରବର୍ତ୍ତୀ ସମୟରେ କରାମାଡ଼ରେ ରବି ଫସଲ ବ୍ୟାପକ ନଷ୍ଟ ହୋଇଥିଲା । ହେଲେ ଅଦ୍ୟାବଧି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଚାଷୀମାନେ ସହାୟତା ରାଶି ପାଇନାହାନ୍ତି। ସହାୟତା ପାଇଁ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଚଳିତବର୍ଷ ମଧ୍ୟ ଚାଷୀମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମାରେ ବୀମା କରିଥିଲେ। ମରୁଡି ପରେ ପଞ୍ଚାୟତସ୍ତରରେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ରାଶି ଦେବାକୁ ସରକାରୀଭାବେ ସ୍ଥିର ହୋଇଛି। ହେଲେ ଚାଷୀଙ୍କୁ ବୀମା ସହୟତା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



ବୌଦ୍ଧରେ ବୁଧବାର ପୂରା ଉଆଁସ ଅବସରରେ ଖେଳିବାକୁ ବାହାରିଥିବା ପିଲାମାନେ।

## ସମ୍ପର୍କୀୟଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଭରତଙ୍କ ପରିବାର

କାମଗିକ୍ରା,୧୯।୮(ଡି.ଏନ.ଏ.)

■ବର୍ଷାରେ ମାଟିରେ ମିଶିଥିଲା ଘର

■ଆବାସ ଯୋଜନା ତାଙ୍କ ପାଇଁ ସ୍ୱପ୍ନ

କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ହିତାଧିକାରୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାରେ ଘର ଯୋଗାଇ ଦିଆଯାଉଛି। ଏ ବାବଦରେ ସରକାରଙ୍କ ରାଜକୋଷରୁ ଅର୍ଥ ବ୍ୟୟ ବରାଦ ହେଉଛି। କିନ୍ତୁ ବରଗଡ଼ ଜିଲାରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି । ଧନୀ ଶ୍ରେଣୀର ଲୋକେ ଏହାର ସୁବିଧା ହାତେଇଥିବା ଅଭିଯୋଗ ହେଉଛି।

ଏହାର ଏକ ପ୍ରତିଛବି ଦେଖିବାକୁ ମିଳିଛି ବରଗଡ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଖଲିଆପାଲି ଗ୍ରାମରେ। ଲଗାଣ ବର୍ଷା ଓ କାଳ ବୈଶାଖୀରେ ଭରତ ଗହିରଙ୍କ ଘର ଛପର ଉଡିଯିବା ସହିତ ମାଟି କାନ୍ଥ ଭାଙ୍ଗିଗଲା। ତାଙ୍କ ପରିବାରର ସ୍ତ୍ରୀ, ପୁଅ, ବୋହୂ ଓ ୨ଟି ଛୁଆ ଏବେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ କେବଳ ପାଲ ଖଣ୍ଡେ ଦେଇ ଚୁପ ହୋଇ ରହିଛି। ପାଲ ତଳେ ବହୁଦିନ ରହିବା ଏହି ପରିବାର ପାଇଁ କଷ୍ଟକର ହେଲା। ସେଥିପାଇଁ ସାରା ପରିବାର ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି । ହେଲେ ଆଉ ଅଧିକ ଦିନ ସେଠାରେ ରହିବା ସମ୍ଭବ ହେବନାହିଁ । ସମ୍ପର୍କୀୟ ଘର ଛାଡିବାକୁ କହୁଛନ୍ତି । ଫଳରେ ୬ ପ୍ରାଣୀକୁ ନେଇ କେଉଁଠି ରହିବେ ସେହି ଚିନ୍ତାରେ ଭରତ ଭାଙ୍ଗି ପଡିଛନ୍ତି । ଘର ପାଇଁ ପଞ୍ଚାୟତ ଅଫିସ, ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ଭରତ ଅବଗତ କରିଥିଲେ । ସମସ୍ତେ ପ୍ରତିଶ୍ରୁତି ବି ଦେଇଛନ୍ତି । ଗୋଟିଏ ଅଫିସରୁ ଅନ୍ୟ ଅଫିସ ଦୌଡି ଦୌଡି ନୟାନ୍ତ ହୋଇଛନ୍ତି ଭରତ । ହେଲେ ଏ ପର୍ଯ୍ୟନ୍ତ ଘରଟିଏ ମିଳିଲା ନାହିଁ ବୋଲି ଭରତ କହିଛନ୍ତି। କରୋନା କଟକଣା ଯୋଗୁ ଘର ଭିତରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ଥିଲା । ହେଲେ ଲଗାଣ ବର୍ଷା ତାଙ୍କ ପରିବାର ପାଇଁ ଦାଉ ସାଧିଲା ବୋଲି ଭରତ କହିଛନ୍ତି।

ଏ ସମ୍ପର୍କରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି, ଏସ୍‌ଇସି ଲିଷ୍ଟରେ ଯଦି ଭରତଙ୍କ ନାମ ଅଛି ତା'ହେଲେ ତାଙ୍କୁ ଖୁବ୍‌ଶୀଘ୍ର ଘର ମିଳିବ । ସେଥିପାଇଁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି ।



ଭଙ୍ଗା ଘର ସମ୍ମୁଖରେ ଭରତଙ୍କ ପରିବାର।

## ସୌଭାଗିନୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ମିଳିଲା

ଅତାବିରା,୧୯।୮ (ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ଗତ ୧୦ ତାରିଖ ଧରିତ୍ରୀରେ 'ଯନ୍ତ୍ରଣାରେ ଛଟପଟ ସୌଭାଗିନୀ, ଅର୍ଥ ସାଜିଛି ବାଧକ' ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ସୌଭାଗିନୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ମଙ୍ଗଳବାର ଆମର ଗାଁ ଆଞ୍ଚଳିକ ଆଲୋକ ଅନୁଷ୍ଠାନ ପକ୍ଷରୁ ସତ୍ୟନାରାୟଣ ପ୍ରଧାନ, ପ୍ରମୋଦ କର୍ଣ୍ଣ, ନାରାୟଣ ଭୋଇ, ଅନନ୍ତ ମହାକୁର, ରାକେଶ ବାରିକ, ବିଭୁଦତ୍ତ ଭୋଇ ପ୍ରମୁଖ ପତ୍ରାପାଲିକୁ ପହଞ୍ଚି ସୌଭାଗିନୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ବରଗଡ଼ ଜିଲା ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଲିମ୍‌ଛୋଡ ଗ୍ରାମର ମହେନ୍ଦ୍ର ସେଟ ଓ ଟିକେଶ୍ୱରୀଙ୍କ ଏକମାତ୍ର ଝିଅ ସୌଭାଗିନୀ (୧୩) । ଜନ୍ମ ଠାରୁ ପିଲାଟିର ମଳଦ୍ୱାର ନ ଥିଲା । ସେଥିପାଇଁ ତାଙ୍କୁ ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । କଟକରେ ଆବଶ୍ୟକ ପରୀକ୍ଷା ପରେ ଶିଶୁଟିର ବୟସ ୧ ବର୍ଷ ହେବା ପରେ ତା'ର ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର କହିଥିଲେ । ଏବେ ପରିସ୍ରା ପଥଦେଇ ମଳ ବାହାର କରାଯାଉଛି । ତାଙ୍କୁ ବାରମ୍ବାର ଡାକ୍ତରଖାନାରେ ଭର୍ତ୍ତି କରାଗଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳୁନାହିଁ । ଇତିମଧ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଲାଣି। ସେଥିପାଇଁ ଧାର କରଜ ବଢ଼ିଛି। ଏବେ ସୌଭାଗିନୀଙ୍କୁ ଧରି ଟିକେଶ୍ୱରୀ ନିଜ ବାପଘର ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ପତ୍ରାପାଲି ଗ୍ରାମରେ ରହୁଛନ୍ତି ।



ସୌଭାଗିନୀଙ୍କ ମା'ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

## ପୂରା ଉଆଁସ ପାଳିଲେ କୁନି କୁନି ପିଲା

ବୌଦ୍ଧ,୧୯।୮(ସ୍ୱ.ପ୍ର.)

ବୁଧବାର ସପ୍ତପୁରୀ ଅମାବାସ୍ୟା ତିଥିରେ ବୌଦ୍ଧ ଜିଲାରେ ପାରମ୍ପରିକ ପର୍ବ ପୂରା ଉଆଁସ ପାଳିତ ହୋଇଯାଇଛି । ଏଥିପାଇଁ ବିଭିନ୍ନ ପୀଠରେ ସ୍ୱତନ୍ତ୍ର ପୂଜା କରାଯାଇଥିଲା । ଅପରାହ୍ନରେ କୁନି କୁନି ପିଲାମାନେ କାଠ ଓ ମାଟିରେ ତିଆରି ହାତୀ, ଘୋଡ଼ା,ମାଙ୍କଡ ଓ ଷଣ୍ଢ ଆଦିକୁ ଫୁଲ,ସିନ୍ଦୁରରେ ସଜେଇ ଖେଳିବାକୁ ବାହାରି ଥିଲେ। ସେମାନେ ନିଜ ହାତୀ ଘୋଡ଼ା ମଧରେ ଲଢ଼େଇ କରିଥିଲେ । ଶେଷରେ ଝିଅମାନଙ୍କୁ ନିଜ ହାତୀ ଘୋଡ଼ା ପାଇଁ ଖାଦ୍ୟ ମାଗିଥିଲେ। କୁନି କୁନି ଝିଅମାନେ ହାତରେ ଚାଙ୍ଗୁଡି ଓ କୁଲା ଧରି ମାଟି ପାତ୍ରରେ ବିଭିନ୍ନ ଖାଦ୍ୟ ତିଆରି କରିଥିଲେ । ଏହି ପରମ୍ପରା ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି ବିଶ୍ୱାସ ରହିଛି ।

## ବଳି ପଡିଛି ଡଙ୍ଗରିଆଙ୍କ ଜୀବିକା

ଭବାନୀପାଟଣା,୧୯।୮(ଡି.ଏନ.ଏ.)

କରୋନା ଛଡେଇ ନେଇଛି ଡଙ୍ଗରିଆଙ୍କ ଜୀବିକା। ସାପ୍ତାହିକ ହାଟରେ ସେମାନେ ନିଜ ଉପାର୍ଜିତ ପନିପରିବା, ମାଣ୍ଡିଆ, ବାଜରା, ମକା, କାଙ୍ଗୁ, କାନ୍ଦୁଲ, ସୁଆଁ, ଅଦା, ଅଳସି, ହଳଦୀ ସହିତ ପାହାଡ଼ରୁ ମିଳୁଥିବା ବିଭିନ୍ନ ବନଜାତ ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ କୋଭିଡ୍-୧୯ କଟକଣା ଡଙ୍ଗରିଆଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ହାଟ ବଜାର ବନ୍ଦ ରହିଛି । ନିଜ ଉତ୍ପାଦିତ ସାମଗ୍ରୀ ସେମାନେ ବିକ୍ରି କରିପାରୁ ନାହାନ୍ତି । ଏପରି କି ରତୁଭିତିକ ଫଳ ପଣସ ଓ ସପୁରି କେହି କିଣିଲେ ନାହିଁ । ତାହା ପାଚି ନଷ୍ଟ ହେଲା । ଲୋକେ ମାଗଣାରେ ବି ନେଲେ ନାହିଁ। କାଳେ କରୋନା ଭୂତାଣୁ ଏହି ଫଳଦେଇ ସଂକ୍ରମିତ ହେବ ସେହି ଆଶଙ୍କା ଲୋକମାନଙ୍କୁ ଅଡୁଆରେ ପକାଇଲା ବୋଲି ଡଙ୍ଗରିଆମାନେ କହିଛନ୍ତି ।

କଞ୍ଚା କଦଳୀ ପୂର୍ବରୁ ଡଜନ ୪୦ରୁ ୫୦ ଟଙ୍କା ବିକ୍ରି ହେଉଥିଲା । ହେଲେ ଚାହିଦା ନ ଥିବାରୁ ଡଙ୍ଗରିଆ ମହିଳାଙ୍କୁ ଘର ଘର ବୁଲି ଡଜନ ପ୍ରତି ୧୦ ଟଙ୍କାରେ ଦେବାକୁ ପଡିଲା। ଏହି ଅଞ୍ଚଳର ସଭିଙ୍କ ପ୍ରିୟ ସୁସ୍ୱାଦୁ କରଡି କେହି ନେଉନାହାନ୍ତି। କରୋନା ଭୟ ଘାରିଛି । ଏଣେ ଆର୍ଥିକ ସଙ୍କଟରେ ଚିନ୍ତାରେ ପଡିଛନ୍ତି ଡଙ୍ଗରିଆ ପରିବାର । ପରିସ୍ଥିତି ଏପରି ହୋଇଛି ଯେ, ଦିନଥିଲା କରଡି ବିଡା ୧୦ ଟଙ୍କାରେ ବିକ୍ରି ହେଉଥିଲା । ଏବେ ୩ ବିଡାକୁ ୧୦ ଟଙ୍କାରେ ଡଙ୍ଗରିଆ ମହିଳାମାନେ ବିକ୍ରି କରୁଛନ୍ତି । ଯାହା ବିକ୍ରି ହେଉନି ତାକୁ ଫିଙ୍ଗିବାକୁ ମହିଳାମାନେ ବାଧ୍ୟ ହେଉଥିବା ସେମାନେ କହିଛନ୍ତି । ସୂଚନାଯୋଗ୍ୟ, ସରକାର ୧୯୭୮ରେ ଡଙ୍ଗରିଆ ଉନ୍ନୟନ ସଂସ୍ଥା ଗଠନ କରିଥିଲେ। ଏହି ସଂସ୍ଥା ସ୍ଥାନୀୟ ଚାଟିକନା ଓ ପାର୍ଶାଲିରେ ନିଜ କାର୍ଯ୍ୟାଳୟ ଖୋଲି ଡଙ୍ଗରିଆଙ୍କ ଉନ୍ନତି ପାଇଁ ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲା । ଏ ଅଞ୍ଚଳରେ ଥିବା ୧୦୪ ଟି ଗ୍ରାମର ୨୦୭୫ ପରିବାର ୧୦୩୩୪ ଲୋକଙ୍କ ବିକାଶ ପାଇଁ ସେ ସମୟରେ ବିଭିନ୍ନ ଯୋଜନା ଆରମ୍ଭ ହୋଇଥିଲା। ଏହା ପରେ ବିନିୟମଗିରିରେ ବସବାସ କରୁଥିବା ଡଙ୍ଗରିଆରଙ୍କ ଜୀବନ ଶୈଳୀରେ ସେପରି କୌଣସି ପରିବର୍ତ୍ତନ ଆସି ନ ଥିବା ଅଭିଯୋଗ ହୋଇଛି । ଏବେ କରୋନା କଟକଣାର ପ୍ରଭାବ ଡଙ୍ଗରିଆଙ୍କ ଜୀବିକା ଉପରେ ପଡିଛି ।

## କରୋନା ସମ୍ପର୍କିତ ସୂଚନାରେ ରହୁନି ତାଳମେଳ

ସୋନପୁର,୧୯।୮(ନି.ପ୍ର.)

କରୋନା ସମ୍ପର୍କିତ ତଥ୍ୟରେ ତାଳମେଳ ରହୁ ନ ଥିବାରୁ ସୁବର୍ଣ୍ଣପୁର ଜିଲା ପ୍ରଶାସନର କାର୍ଯ୍ୟଶୈଳୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ଗଣମାଧ୍ୟମକୁ ସୂଚନା ଦେବାରେ ଅନେକ ସମୟରେ ସହଯୋଗ ରହୁନାହିଁ। ଫଳରେ ଜିଲାର କରୋନା ସମ୍ପର୍କିତ ତଥ୍ୟ ଲୋକେ ଠିକ ଭାବେ ଜାଣି ପାରୁନାହାନ୍ତି । ଯେଉଁ ଅଞ୍ଚଳରେ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ତାହା ସ୍ଥାନୀୟ ଅଧିବାସୀ ଅନେକ ସମୟରେ ଜାଣୁନାହାନ୍ତି । ଆକ୍ରାନ୍ତଙ୍କ ସଂଖ୍ୟା ୪୦୦ଅତିକ୍ରମ କରି ସାରିଥିବା ବେଳେ ସରକାରୀ ସ୍ତରରେ ତଥ୍ୟ ଦିଆଯାଉନାହିଁ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି । ଏହି ପଦବୀ ପୂରଣ ହେଉ ନ ଥିବାରୁ ସରକାରୀ ଭାବେ କୌଣସି ସଠିକ୍ ସୂଚନା ମିଳୁନାହିଁ । ଜିଲା ପ୍ରଶାସନ ମଧ ପୁରୁଣା ତଥ୍ୟକୁ ଅପଲୋଡ କରୁଛି । ଯାହା ରାଜ୍ୟ ସରକାରଙ୍କ ତଥ୍ୟ ସହିତ ଆଦୌ ମେଳ ଖାଉନାହିଁ। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଅଧାରେ ଅଟକିଛି ତରଭା ରିଂରୋଡ୍

ତରଭା,୧୯।୮(ଡି.ଏନ.ଏ.)

■୭୦ ମିଟର ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ସମସ୍ୟା

■ତରଭା ସହରବାସୀଙ୍କୁ ଘାରିଛି ବନ୍ୟା ଭୟ

ସୁବର୍ଣ୍ଣପୁର ଜିଲାର ତରଭା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ଲାଗି ନିବୃତ୍ତି ଯୋର ଦକ୍ଷିଣ ପାର୍ଶ୍ୱରେ ଜଳସମ୍ପଦ ବିଭାଗ ପକ୍ଷରୁ ରିଂରୋଡ ପାଇଁ ଆରମ୍ଭ ହୋଇଥିବା କାମ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଅଧାରେ ଅଟକି ରହିଛି। ଏ ନେଇ ପ୍ରଶାସନିକ ଅଧିକାରୀ, ରାଜନୈତିକ ବ୍ୟକ୍ତି ତଥା ଜନସାଧାରଣଙ୍କ ମଧରେ ବହୁବାର ଆଲୋଚନା ହୋଇ ମଧ ସମାଧାନର ସୂତ୍ର ବାହାରି ପାରିନାହିଁ। ଫଳରେ ପ୍ରତିବର୍ଷ ବର୍ଷାଋତୁରେ ବନ୍ୟା ଭୟ ତରଭାବାସୀଙ୍କ ଆଖିରୁ ନିଦ ହଜାଇ ଦେଉଛି । ତରଭା ସହରକୁ ଗମନାଗମନ ସୁବିଧା ତଥା ବନ୍ୟା ବିଭୀଷିକାରୁ ଲୋକଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ୨୦୧୮ ମସିହା ଅକ୍ଟୋବର ୯ ତାରିଖରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବନ୍ୟା ପ୍ରତିରୋଧକ ଆଡିବନ୍ଧ ଓ ରିଂରୋଡ ନିର୍ମାଣ ପାଇଁ ଭୂମିପୂଜା କରିଥିଲେ। ଜଳସମ୍ପଦ ବିଭାଗ ପକ୍ଷରୁ ନିବୃତ୍ତି ଯୋର ଦକ୍ଷିଣ ପାର୍ଶ୍ୱରେ ୧୧୧୮ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଆଡିବନ୍ଧ କାମ ଆରମ୍ଭ କରାଯାଇଥିଲା । କିନ୍ତୁ ନିବୃତ୍ତି ଯୋର ପୋଲ ନିକଟରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିବା ମାତ୍ର ୭୦ମିଟର ଜମି ଅଦ୍ୟାବଧି ଅଧିଗ୍ରହଣ ହୋଇ ପାରି ନ ଥିବା ଯୋଗୁ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି । ବ୍ଲକ ଅଫିସ ପଛପଟ ପର୍ଯ୍ୟନ୍ତ ମାଟି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ଗତବର୍ଷ ଅଗଷ୍ଟ ୧୩ ତାରିଖରେ ନିବୃତ୍ତି ଯୋରରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ତରଭା ସହରର ବ୍ୟାପକ କ୍ଷୟକ୍ଷତି ହେବା ସହିତ ଆଡିବନ୍ଧର ମାଟି ଅଧିକାଂଶ ସ୍ଥାନରେ ଧୋଇ ହୋଇଯାଇଥିଲା । ଏହାସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଯୋଗୁ ଆଡିବନ୍ଧର ମାଟିକାମ ସମ୍ପୂର୍ଣ୍ଣ ହେବା ଉପରେ ଥିଲେ ମଧ ଆଜି ପର୍ଯ୍ୟନ୍ତ ପୋଲ ପାଖ ଜମି ଅଧିଗ୍ରହଣ ହୋଇପାରିନାହିଁ। ଫଳରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମଧ ଜନସାଧାରଣ ଏହାର ସୁଫଳ ପାଇ ପାରୁନାହାନ୍ତି । ଅପରପକ୍ଷରେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ୨ବର୍ଷ ପୂରିବାକୁ ଯାଉଥିବା ବେଳେ ଏ ବାବଦ ବ୍ୟୟ ଅଟକଳ କିମ୍ବା ନିର୍ମାଣକାରୀ ସଂସ୍ଥାର କୌଣସି ସୂଚନା ଫଳକ ଲଗାଯାଇ ନାହିଁ । ଫଳରେ ନିର୍ମାଣ ନେଇ ଜନସାଧାରଣଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଥାଶୀଘ୍ର ଆବଶ୍ୟକ ଥିବା ସ୍ଥାନକୁ ଅଧିଗ୍ରହଣ କରି ଆଡିବନ୍ଧ ଓ ରିଂରୋଡ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।



ତରଭା ରିଂରୋଡ଼।

## ୫ ପଞ୍ଚାୟତକୁ ମାତ୍ର ୩ ଶହ ବସ୍ତା ୟୁରିଆ ସାର

**ରେଙ୍ଗାଲି:** ସମ୍ବଲପୁର ଜିଲା ରେଙ୍ଗାଲି ସେବା ସମବାୟ ସମିତି ଅଧୀନ ୫ଟି ପଞ୍ଚାୟତର ଚାଷୀ ୟୁରିଆ ସାର ନ ପାଇ ହଟହଟା ହୋଇଛନ୍ତି। ରେଙ୍ଗାଲି ସେବା ସମବାୟ ସମିତି ଅଧୀନ ୫ଟି ପଞ୍ଚାୟତର ଚାଷୀଙ୍କ ପାଇଁ ମାତ୍ର ୩୦୦ ବସ୍ତା ୟୁରିଆ ସାର ଆସିଛି । ସାର ନେବା ପାଇଁ ବୁଧବାର ବହୁ ଚାଷୀ ରେଙ୍ଗାଲି ବସଷ୍ଟାଣ୍ଡସ୍ଥିତ ସମିତି କାର୍ଯ୍ୟାଳୟକୁ ଆସିଥିଲେ। ବହୁ ସମୟ ଧରି ଲମ୍ବା ଲାଇନରେ ଛିଡା ହେଲେ ମଧ ଚାଷୀଙ୍କୁ ସାର ମିଳି ନ ଥିଲା। ଫଳରେ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ।

**ସଂକ୍ଷେପରେ**

## ଜୁନାଗଡ଼ ଥାନା କର୍ମଚାରୀ ଶୂନ୍ୟ

ଜୁନାଗଡ,୧୯।୮(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନାର କାର୍ଯ୍ୟରତ ୧୩ କୋଭିଡ୍ ଯୋଦ୍ଧା ବୁଧବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କଠାରୁ ଏହା ଜଣାପଡିଛି। ସମସ୍ତଙ୍କୁ ଭବାନୀପାଟଣାସ୍ଥିତ କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ତେବେ ମଙ୍ଗଳବାର ଥାନାର ୩ଜଣ ଓ ପୂର୍ବରୁ ଜଣେ କୋଭିଡ୍ ଯୋଦ୍ଧା କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଜୁନାଗଡ ଥାନାର ସମୁଦାୟ ୧୭ କୋଭିଡ୍ ଯୋଦ୍ଧା କରୋନାରେ ଆକ୍ରାନ୍ତ ହୋଇସାରିଛନ୍ତି। ଫଳରେ ଜୁନାଗଡ ଥାନା ଏକପ୍ରକାର କର୍ମଚାରୀ ଶୂନ୍ୟ ହୋଇପଡିଛି।

## ବାଟଗାଁ ପଞ୍ଚାୟତ ଶଟ୍‌ଡାଉନ

ନାକଟିଦେଉଳ,୧୯।୮(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ବାଟଗାଁ ପଞ୍ଚାୟତ ସରପଞ୍ଚ ବେଦମତୀ କିସାନ ୧୯ ତାରିଖ ସନ୍ଧ୍ୟାଠାରୁ ଆସନ୍ତା ୨୬ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମଗ୍ର ପଞ୍ଚାୟତକୁ ୭ଦିନିଆ ଶଟଡ଼ାଉନ ଘୋଷଣା କରିଛନ୍ତି। ବାଟଗାଁଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଔଷଧ ଦୋକାନ କେବଳ ଖୋଲିବା ପାଇଁ ଅନୁମତି ରହିଛି। ବାକି ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ କୁହାଯାଇଛି। ସରକାରଙ୍କ ସମସ୍ତ ପ୍ରକାରର କୋଭିଡ୍ ନିୟମକୁ ଜନସାଧାରଣ ପାଳନ କରିବାକୁ ସରପଞ୍ଚ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନାକଟିଦେଉଳ ବିଡ଼ିଓ, ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

## ବିଶ୍ୱ ଫଟୋଗ୍ରାଫି ଦିବସ

ରାଉରକେଲା ଅଫିସ, ୧୯।୮: ରାଉରକେଲା ଫଟୋଗ୍ରାଫର ସଂଘ ପକ୍ଷରୁ ବୁଧବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂଘର ସଭାପତି ଅତୁଲ ସାଂଘଭୀଙ୍କ ନେତୃତ୍ୱରେ ରାଜଗାଙ୍ଗପୁର, ବିରମିତ୍ରପୁର ଏବଂ ରାଉରକେଲା ସହରର ଛେଣ୍ଡ ଛକ, ଇସ୍ପାତ ହାଟ, ବିଶ୍ରା ଛକ, ସାରନଗରୀ ଛକ ଓ ଉଦିତ ନଗରସ୍ଥିତ ଆମ୍ବେଦକର ଛକରେ ସାନିଟାଇଜର୍ ଓ ମାସ୍କ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସଂଘର ବାସନ୍ତୀ କଲୋନୀସ୍ଥିତ କାର୍ଯ୍ୟାଳୟଠାରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

## ୧୪ ଖଣ୍ଡ ଶାଗୁଆନ କାଠଗଣ୍ଡି ଜବତ

ଅମରପାଲି,୧୯।୮ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ହାତିଲିମୁଣ୍ଡା ବିଟର ଗୌଡଗାଡ ସଂରକ୍ଷିତ ଜଙ୍ଗଲରୁ ବୁଧବାର ୧୪ ଖଣ୍ଡ ଶାଗୁଆନ କାଠ ଗଣ୍ଡି ଜବତ ହୋଇଛି । କୌଣସି ସୂତ୍ରରୁ ଖବର ପାଇ ହାତିଲିମୁଣ୍ଡା ବନପାଳ ସୁନିଲ ତରିଆଙ୍କ ନେତୃତ୍ୱରେ ବନରକ୍ଷୀ ରାମଶଙ୍କର ମେହେର ଓ ଅନ୍ୟ କର୍ମଚାରୀମାନେ ଚଢାଉ କରିଥିଲେ । କାଠ ଚୋରମାନେ ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ଖଣ୍ଡ ଖଣ୍ଡ କରି କାଟି ରଖିଥିଲେ ।
ତେବେ ଚଢାଉ ସମୟରେ କାଠ ଚୋରମାନେ ଖସି ପଳାଇ ଯାଇଥିଲେ । ଜବତ କାଠ ଗଣ୍ଡିକୁ ବହଲପଦରସ୍ଥିତ ବନପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇଛି ।

# ଧରାପଡ଼ିଲା ନକଲି ସାର, ଘର ସିଲ୍

- ଲାଇସେନ୍ସ ନ ଥାଇ ପ୍ରସ୍ତୁତ କରି ଚାଷୀଙ୍କୁ ବିକୁଥିଲେ
- ପ୍ୟାକିଂ ବସ୍ତା, ଅଣୁସାର ଓ ପ୍ୟାକିଂ ମେଶିନ୍ ଜବତ

ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୧୯।୮(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସର୍ଗିପାଲିରେ ନକଲି ସାର ପ୍ରସ୍ତୁତି ଓ ପ୍ୟାକିଂ କରାଯାଇ ଚଢ଼ାଦରରେ ବିକ୍ରି ହେଉଥିବା ଖବର ପାଇ ଏକ ଉଚ୍ଚସ୍ତରୀୟ ଟିମ୍ ବୁଧବାର ଅପରାହ୍ଣରେ ଚଢ଼ାଉ କରିଥିଲା । ପରେ ଉକ୍ତ ନକଲି ସାର ପ୍ରସ୍ତୁତ କରୁଥିବା ବ୍ୟବସାୟୀ ଚୂଡାମଣି ମେହେରଙ୍କ ଘର ସିଲ୍ କରିଥିଲା ଉକ୍ତ ଟିମ୍। ସେଠାରୁ ତେଜସ୍ ବ୍ରାଣ୍ଡର ପ୍ୟାକିଂ ବସ୍ତା, ଅଣୁସାର ଓ ପ୍ୟାକିଂ ମେଶିନ୍ ଜବତ କରାଯାଇଥିଲା । ଦୀର୍ଘଦିନରୁ ମେହେର ତେଜସ୍ ବ୍ରାଣ୍ଡର ବସ୍ତା, ଅଣୁସାର ସାମଗ୍ରୀ ଆଣି ଏଠାରେ ପ୍ୟାକିଂ କରି ବିକ୍ରି କରୁଥିଲେ । ମେହେରଙ୍କ ପାଖରେ କୌଣସି ଲାଇସେନ୍ସ ନଥିବାବେଳେ ସେ ନିଜେ ବିଭିନ୍ନ ସ୍ଥାନରୁ କଞ୍ଚାମାଲ ଆଣି ଅଣୁସାର ପ୍ରସ୍ତୁତ କରି ଚାଷୀଙ୍କୁ ବିକ୍ରି କରୁଥିବା ଜଣାପଡିଛି । ଏହି ସାରର ଗୁଣବତ୍ତା କ'ଣ ତାହାର ସାର୍ଟିଫିକେସନ୍ ହୋଇ ନ ଥିବାବେଳେ ମେହେର ମନଇଚ୍ଛା ଚାଷୀଙ୍କୁ ଠକୁଥିବା ଅଭିଯୋଗ ହୋଇଥିଲା । ବୁଧବାର ସନ୍ଧ୍ୟା ହୋଇଯିବାରୁ ତାଙ୍କ ଘର ସିଲ୍ କରି ଗୁରୁବାର ସବିଶେଷ ତଦନ୍ତ କରାଯିବ ବୋଲି ଜଣାପଡିଛି । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ବାଣିଜ୍ୟକର ଯୁଗ୍ମ ନିର୍ଦ୍ଦେଶକ ଫକରୀ ମୋହନ ଶତପଥୀ, ଜିଏସ୍‌ଟି ଅଫିସର ଆଶିଷ କୁମାର ସାହୁଙ୍କୁ ନେଇ ଗଠିତ ଟିମ୍ ସହ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, କୃଷି ଅଧିକାରୀ ଯଶୋବନ୍ତ ସାହୁ, ସୁଜିତ ଭୋଇ ଓ ପୋଲିସ ଟିମ୍ ଉପସ୍ଥିତ ଥିଲେ ।


ଉଚ୍ଚସ୍ତରୀୟ ଟିମ୍ ସର୍ଗିପାଲିରେ ନକଲି ସାର ପ୍ରସ୍ତୁତି ଘରେ ଚଢ଼ାଉ କରୁଛନ୍ତି ।

## ମା' ସମଲେଇଙ୍କ ନବାନ୍ନ ପାଇଁ ପହଞ୍ଚିଲା ନୂଆ ଧାନ

ସମ୍ବଲପୁର, ୧୯।୮ (ବ୍ୟୁରୋ)

ଚଳିତ ମାସ ୨୩ ତାରିଖ ରବିବାର ଭାଦ୍ରବ ପଞ୍ଚମୀ ତିଥିରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଳିତ ହେବ। ଏହି ଦିନ ଇଷ୍ଟଦେବୀ ମା' ସମଲେଇଙ୍କଠାରେ ସକାଳ ୯ଟା ୩୫ ମିନିଟରୁ ୯ଟା ୫୦ ମିନିଟ ମଧ୍ୟେ ନବାନ୍ନ ଲାଗିବ। ଏହି ନବାନ୍ନ ଭୋଗ ପାଇଁ ବୁଧବାର ଗୋଧୂଳୀ ଲଗ୍ନରେ ସମଲେଇ ପୀଠରେ ନୂଆଁ ଧାନ ପହଞ୍ଚିଛି। ବଲବସପୁର ଗ୍ରାମର ସୁବାସ ବେହେରା ନୂଆ ଧାନ ଧରି ସମଲେଶ୍ୱରୀ ମନ୍ଦିର ମୁଖ୍ୟ ଫାଟକ ନିକଟରେ ପହଞ୍ଚି ଥିଲେ। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ତାଙ୍କଠାରୁ ଏହି ନୂଆଁ ଧାନ ଗ୍ରହଣ କରି ତାହାକୁ ନିଜ ଘର ପୂଜା କୋଠରିରେ ନେଇ ରଖିଛନ୍ତି। ଗୁରୁବାରଠାରୁ ମା'ଙ୍କ ନବାନ୍ନ ଭୋଗ ପାଇଁ ଏହି ନୂଆ ଧାନକୁ ପର୍ଯ୍ୟାୟକ୍ରମେ ପ୍ରସ୍ତୁତ କରାଯିବ।


ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସସ୍ତ୍ରୀକ ନୂଆ ଧାନ ଗ୍ରହଣ କରିଛନ୍ତି ।

## ପ୍ରଥମ ୧୦ଜଣଙ୍କ ମଧ୍ୟରେ ଶିଖର, ଦୁର୍ଗେଶ୍ୱରୀ

**ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାଫଳରେ ବିକାଶର ସଫଳତା**

ବରଗଡ଼ ଅଫିସ୍,୧୯।୮


ବିଶାଳ ଚୌଧୁରୀ


ଇଶିକା ଗୋୟଲ


ଶିଖା ଅଗ୍ରୱାଲ


ଜି- ଚନ୍ଦନ ମେହେର

ଯୁକ୍ତଦୁଇ ବାଣିଜ୍ୟ ପରୀକ୍ଷାଫଳରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମୂହ ଉଚ୍ଚକୋଟୀର ସଫଳତା ପାଇଛି। ରାଜ୍ୟର ପ୍ରଥମ ଦଶଜଣଙ୍କ ମଧ୍ୟରେ ବିକାଶର ଦୁଇଜଣ ରହିଛନ୍ତି। ବିକାଶ ବରଗଡ଼ ଶାଖାର ଛାତ୍ର ଶିଖର ଅଗ୍ରୱାଲ ୫୫୪ ମାର୍କ ରଖି ରାଜ୍ୟରେ ଷଷ୍ଠ ସ୍ଥାନରେ ରହିଥିବାବେଳେ ପଶ୍ଚିମ ଓଡ଼ିଶା ଟପ୍ପର ହୋଇଛନ୍ତି। ସେହିପରି ଦୁର୍ଗେଶ୍ୱରୀ ଅଗ୍ରୱାଲ ୫୪୯ ମାର୍କ ରଖି ରାଜରେ ଦଶମ ସ୍ଥାନରେ ରହିଛନ୍ତି। ସମ୍ବଲପୁର ଶାଖାର ବିଶାଳ ଚୌଧୁରୀ ୫୪୫ ମାର୍କ ସହିତ ରାଜ୍ୟରେ ୧୪ତମ, ଭବାନୀପାଟଣା ଶାଖାର ଇଶିକା ଗୋୟଲ ୫୪୪ ମାର୍କ ସହିତ ୧୫ତମ, ବରଗଡ଼ ଶାଖାର ଶିଖା ଅଗ୍ରୱାଲ ୫୪୨ ମାର୍କ ସହିତ ରାଜ୍ୟରେ ୧୭ତମ ଏବଂ ଚନ୍ଦନ ମେହେର ୫୪୦ ମାର୍କ ସହିତ ରାଜ୍ୟରେ ୧୯ତମ ସ୍ଥାନରେ ରହିଛନ୍ତି ।

ବିକାଶ, ସମ୍ବଲପୁର ଶାଖାରେ ସଫଳତା ହାର ଶହେ ପ୍ରତିଶତ ରହିଥିବାବେଳେ ବରଗଡ଼ ଓ ଭବାନୀପାଟଣା ଶାଖାରେ ଏହି ହାର ୯୯ ପ୍ରତିଶତ ରହିଛି। ୫୦୦ରୁ ଊର୍ଦ୍ଧ୍ୱ ମାର୍କ ରଖିଥିବା ମୋଟ୍ ୧୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୬ଜଣ, ସମ୍ବଲପୁର ଶାଖାର ୧୦ଜଣ ଏବଂ ଭବାନୀପାଟଣା ଶାଖାର ୪ଜଣ ରହିଛନ୍ତି । ସେହିପରି ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୨୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୮ଜଣ, ସମ୍ବଲପୁର ଶାଖାର ୧୫ ଓ ଭବାନୀପାଟଣା ଶାଖାର ୪ଜଣ ରହିଛନ୍ତି। ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଥିବ ୯୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୩୩, ସମ୍ବଲପୁର ଶାଖାର ୪୭ ଏବଂ ଭବାନୀପାଟଣା ଶାଖାର ୧୯ଜଣ ରହିଛନ୍ତି । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଦିପ୍ତିମୟୀ ମେହେର ୫୨୬ ମାର୍କ, ପ୍ରେମାନନ୍ଦ ମେହେର ୫୦୭ ମାର୍କ, ସମ୍ବଲପୁର ଶାଖାର ଅନୀଷ ପ୍ରଧାନ ୫୩୭, ଅଭିଷେକ ପ୍ରଧାନ ୫୩୧, ବର୍ଷାରାଣୀ ନାଏକ ୫୩୦, ଜୁବଲୀ ବଡ଼େଇ ୫୨୩, ପ୍ରିୟଙ୍କା ପ୍ରଧାନ ୫୨୧, ରାଜାରାମ ବଡ଼େଇ ୫୨୧, ଅଭିଜିତ ରାଉତ ୫୧୯, ଅର୍ପିତା ନାଏକ ୫୧୪, ଟିଙ୍କଲ ସାହୁ ୫୦୩ ମାର୍କ ସହିତ ସଫଳତା ତାଲିକାର ଶୀର୍ଷରେ ଅଛନ୍ତି ।

ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଏକାଡେମିକ୍ସ ଜି. ରାମକ୍ରୀଷ୍ଣା, ଡାଇରେକ୍ଟର ଏଡ଼ମିନିଷ୍ଟ୍ରେଶନ ଡି. ବିବେକ କୁମାର, ଭବାନୀପାଟଣା ଶାଖାର ଡାଇରେକ୍ଟର ଡି. ଶ୍ୟାମ, ଡି.ରାମ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ସମ୍ବଲପୁର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ବରଗଡ଼ ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଭବାନୀପାଟଣା ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଏନମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତା ରାଓ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ୱେସ୍କୋ ଘରୋଇକରଣ ବିରୋଧରେ ବିକ୍ଷୋଭ

ଦେବଗଡ,୧୯।୮(ଡି.ଏନ.ଏ.)

ୱେସ୍କୋର ଘରୋଇକରଣକୁ ବିରୋଧ କରି ୱେଷ୍ଟର୍ନ ଓଡିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଇଞ୍ଜିନିୟର୍ସ ଏକତା ମଞ୍ଚର ଡାକରାରେ ଦେବଗଡ ଇଲେକ୍ଟ୍ରିକାଲ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ ଶ୍ରମିକ ଓ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୱେଷ୍ଟର୍ନ ଓଡିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ, ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ଓ ହୀରା ଜିଟିଡି ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୧୯।୨(ବ୍ୟୁରୋ)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଅଧୀନ ଫାର୍ମ ରୋଡ୍‌ରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦଳଦଳିପଡାର ଦିନେଶ ସତନାମୀ (୨୫)ଙ୍କ ମୃତ୍ୟୁ ଘଟିଛି । ପୋଲିସ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ, ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଟଙ୍କା ମିଳୁନି, କାମ କଲେନି ସଫେଇ କର୍ମଚାରୀ

**ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ**

ଦେବଗଡ,୧୯।୮(ଡି.ଏନ.ଏ)

ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ସେମାନଙ୍କ ବକେୟା ପ୍ରାପ୍ୟ ଦାବିରେ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସେମାନେ ଏକଜୁଟ ହୋଇ ସଫେଇ ସାମଗ୍ରୀ ସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଫଳରେ ବୁଧବାର ଦିନ ତମାମ ଜିଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ୱାର୍ଡ ଏବଂ ଡାକ୍ତରଖାନା ପରିସରରେ ସଫେଇ ହୋଇପାରି ନାହିଁ। ତେବେ ଏହି ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ ଗତ ୧୦ ମାସ ପୂର୍ବରୁ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା ସଫେଇ ଦାୟିତ୍ୱ ଟେଣ୍ଡର ମାଧ୍ୟମରେ ହାତେଇଛି। ମାତ୍ର ଉକ୍ତ ସଂସ୍ଥା ଦାୟିତ୍ୱ ନେବା ଦିନଠାରୁ ସଫେଇ କର୍ମଚାରୀମାନଙ୍କ ପ୍ରାପ୍ୟ ନିୟମିତ ଦେଉନି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଶୁଣୁନି। ଏଣୁ ଟଙ୍କା ନ ମିଳିଲା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।


ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିବା ସଫେଇ କର୍ମଚାରୀ।

## ଟ୍ରେଲର ଚାଳକଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

ବେଦବ୍ୟାସ,୧୯।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ବେଦବ୍ୟାସ ମନ୍ଦିର ରୋଡ୍‌ରେ ଜୁଲାଇ ମାସ ୨୫ ତାରିଖରେ ଟ୍ରେଲର ଚାଳକ ଅଭିଷେକ ସିଂଙ୍କ ହତ୍ୟା ଘଟଣାରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାମ ପୁରୁଷୋତ୍ତମ କୁମାର (୧୯) । ସେ ବିହାର ରାଜ୍ୟ ଦୋଭି ଥାନାର ଘରଘଟ ଗ୍ରାମର ବୋଲି ଜଣାପଡିଛି।
ଘଟଣା ଦିନ ବେଦବ୍ୟାସ ମନ୍ଦିର ରୋଡ୍ ସାଇଡ୍‌ରେ ଟ୍ରେଲର (ଏନଏଲ ୦୨ କେ- ୪୪୫୫) ପାର୍କିଂ କରି ଗାଡି ଚାଳକ ଓ ହେଲପର ଖିଆପିଆ କରି ପରସ୍ପର ମଧ୍ୟରେ କଥା କଟାକଟି ହୋଇଥିଲେ। ଅଭିଯୁକ୍ତ ପୁରୁଷୋତ୍ତମଙ୍କୁ ଗାଡି ଚାଳକ ଅଭିଷେକ କାମରୁ ବାହାର କରିଦେବା ପାଇଁ ଧମକ ଦେଇଥିଲେ । ସେ ଘଟଣାର ୩ ଦିନ ପୂର୍ବେ ହେଲପର ଭାବେ ଯୋଗ ଦେଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ପୁରୁଷୋତ୍ତମ ଗାଡିରୁ ଏକ ଲୁହା ଛଡ ଆଣି ସେଥିରେ ଅଭିଷେକଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଯିବା ପରେ ତାଙ୍କୁ ପାଖ ଡ୍ରେନକୁ ଫୋପାଡି ଦେଇ ସେ ଟ୍ରେଲର ନେଇ କୁଆରମୁଣ୍ଡା ରାସ୍ତା ଫାଣ୍ଡି ନିକଟରେ ଛାଡି ନିଜ ଗାଁ ଘରଘଟକୁ ପଳାଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଖବର ପାଇ ଘଟଣା ସ୍ଥଳକୁ ଯାଇ ତଦନ୍ତ କରଥିଲା। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ମାମଲା (ନଂ.୧୩୯/୨୦ ) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଶେଷରେ ବ୍ରାହ୍ମଣୀତରଙ୍ଗ ଥାନାର ଏକ ଦଳ ବିହାର ରାଜ୍ୟର ଦୋଭି ଥାନା ସହାୟତାରେ ଅଭିଯୁକ୍ତଙ୍କୁ ନିଜଗାଁ ଘରଘଟ ଗ୍ରାମରୁ ଗିରଫ କରିଥିଲେ।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପ୍ରତିଷ୍ଠା ଦିବସ

ଖପ୍ରାଖୋଲ, ୧୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୩୬ତମ ପ୍ରତିଷ୍ଠା ଦିବସ ଟିକେଶ୍ୱର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବିଗତ ଇତିହାସ ଅବତାରଣା କରାଯିବା ସହ ଗନ୍ଧଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଦିଆଯାଇଥିଲା । ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଅଭୟ ତ୍ରିପାଠୀ, ଧରମ ସିଂ ଧରୁଆ, ଉମାକାନ୍ତ ପଧାନ, ଶତ୍ରୁଘ୍ନ ନାଏକ, ଗୌରଚନ୍ଦ୍ର ବରିହା, ଯଶୋବନ୍ତ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀ ମୂଲିଆ ସଂଘର ଦାବିପତ୍ର ପ୍ରଦାନ

ସଇଁତଲା, ୧୯।୮(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ପକ୍ଷରୁ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥୀଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ବ୍ଲକ କାର୍ଯ୍ୟାଳୟ ତରଫରୁ ପଞ୍ଜୀକୃତ ଚାଷୀଙ୍କୁ ବିଭିନ୍ନ ସରକାରୀ ସହାୟତା ଓ ସୁଯୋଗ ପ୍ରଦାନ କରାଯାଉନାହିଁ। ଗତବର୍ଷ ମରୁଡ଼ି ହୋଇଥିବାବେଳେ ବ୍ଲକର ୧୧ ପଞ୍ଚାୟତ ଏଥିରୁ ବାଦ୍ ପଡ଼ିଛି। ଉକ୍ତ ପଞ୍ଚାୟତଗୁଡିକୁ ମରୁଡ଼ି ଘୋଷଣା କରିବା, କାଳିଆ ଯୋଜନା ହିତାଧିକାରୀ ଚୟନରେ ହୋଇଥିବା ଅନିୟମିତତାର ତଦନ୍ତ ଏବଂ ଦୀର୍ଘବର୍ଷ ଧରି ଏହି କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତିର ଭିଜିଲାନ୍ସସ୍ତରୀୟ ତଦନ୍ତ ଦାବି କରଛି ଗ୍ରାମୀଣ ଚାଷୀ ମୂଲିଆ ସଂଘ । ସଂଘର ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଜିଲା ସଭାପତି ପ୍ରେମାନନ୍ଦ ଭୋଇ, ଜିଲା ସମ୍ପାଦକ ଚକାଚରଣ ମାଝୀ, ଚାଷୀ କରୁଣାକର ଭୋଇ, ସତ୍ୟନାରାୟଣ ପଣ୍ଡା. ସୁବୋଧ ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## କ୍ଷତିଗ୍ରସ୍ତ ପରିବାରକୁ ମିଳିଲା ଆର୍ଥିକ ସହାୟତା

**ଜେସିବି ଲଗାଇ ପ୍ରଧାନମନ୍ତ୍ରୀ ଆବାସ ଘର ଭାଙ୍ଗିବା ଘଟଣା**

ଲୋଇସିଂହା, ୧୯।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା ଗ୍ରାମରେ ଗତ ୧୧ ତାରିଖ ସ୍ଥାନୀୟ ସରପଞ୍ଚ ଓ ତାଙ୍କ କେତେକ ସହଯୋଗୀ ଗ୍ରାମ୍ୟ ଜଙ୍ଗଲରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘରକୁ ଜେସିବି ଲଗାଇ ଭାଙ୍ଗିଦେଇଥିଲେ । ବୁଧବାର କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପରମାନନ୍ଦ ପୃଷ୍ଟି କ୍ଷତିଗ୍ରସ୍ତ ୯ ଜଣଙ୍କ ମଧ୍ୟରୁ ୮ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ତୀର୍ଥ ଦୀପ, ଦଶରଥ ଶବର, ଖିତ୍ରୁ ଶବର, ସୁଗ୍ରୀ ଶବରଙ୍କୁ ୧ ଲକ୍ଷ ଲେଖାଏ ଓ ତୁଳସୀ ଶବର, ମାଲ ବାଗ, ଉମାକାନ୍ତୀ ବାଗ, ସରସ୍ୱତୀ ଦୀପଙ୍କୁ ପ୍ରତ୍ୟେକ ଦେଢ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଅନ୍ୟତମ ପୀଡିତ ମାଷ୍ଟର ଶବରଙ୍କୁ ପରବର୍ତ୍ତୀ ସମୟରେ ସହୟତା ରାଶି ମିଳିବ ବୋଲି କୁହାଯାଇଛି। ଏଥିପୂର୍ବରୁ ଏହି ପୀଡିତ ପରିବାର ସଦସ୍ୟ ବଲାଙ୍ଗୀର ସ୍ପେଶାଲ କୋର୍ଟରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ । ସୂଚନାଯୋଗ୍ୟ ଯେ, ସଲେଭଟା ଗ୍ରାମର ୧୧ ଭୂମିହୀନ ଆଦିବାସୀ ଓ ଦଳିତ ପରିବାରକୁ ୨୦୧୯–୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଦିଆଯାଇଥିଲା । ପଞ୍ଚାୟତ କର୍ତ୍ତୃପକ୍ଷ ଓ ସରକାରୀ ଅଧିକାରୀ ଗାଇଖାଇ ସ୍ଥିତ ଗିରିଗୋବର୍ଦ୍ଧନପୂଜା ସ୍ଥଳନିକଟ ଗ୍ରାମ୍ୟ ଜଙ୍ଗଲରେ ଜାଗା ଚିହ୍ନଟ ପରେ ସେମାନେ ଗୃହ ନିର୍ମାଣ କରିଥିଲେ । ସରପଞ୍ଚ ହେମକାନ୍ତି ମୁଣ୍ଡା ଓ କେତେକ ମୁଷ୍ଟିମେୟ ବ୍ୟକ୍ତି କୌଣସି ନିର୍ଦ୍ଦେଶନାମା ନଥାଇ ବେଆଇନଭାବେ ଜେସିବି ଲଗାଇ ସେହି ଘରଗୁଡ଼ିକୁ ଭାଙ୍ଗିଦେଇଥିଲେ । ପୀଡିତ ପରିବାର ପକ୍ଷରୁ ଲୋଇସିଂହା ଥାନାରେ ଅଭିଯୋଗ ପରେ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।


କ୍ଷତିଗ୍ରସ୍ତ ପରିବାର ସରକାରଙ୍କ ତରଫରୁ ପାଇଥିବା ଚେକ୍‌କୁ ଦେଖାଉଛନ୍ତି।

## ଗନ୍ଧମାର୍ଦ୍ଦନ ପର୍ବତକୁ ଇଏସ୍‌ଜେଡ୍ ଘୋଷଣା କରାଯାଉ

ବରଗଡ଼ ଅଫିସ୍,୧୯।୮

ବରଗଡ଼ ଜିଲା ନୃସିଂହନାଥସ୍ଥିତ ଗାନ୍ଧୀପୀଠରେ ବୁଧବାର ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୩୬ତମ ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ହୋଇଯାଇଛି। ଯୁବ ପରିଷଦର ଆବାହକ ଦିଲ୍ଲୀପ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଅତୀତରେ ଗନ୍ଧମାର୍ଦ୍ଦନ ଖଣି ପ୍ରକଳ୍ପ ବିରୋଧରେ ଚାଲିଥିବା ଆନ୍ଦୋଳନ ଓ ଜନମତକୁ ସମ୍ମାନ ଜଣାଇବା ସହିତ ଗନ୍ଧମାର୍ଦ୍ଦନରେ ପୁନଃ ଖଣି ଖନନ ପାଇଁ ଚାଲିଥିବା ଷଡ଼ଯନ୍ତ୍ରକୁ ପୁରୋହିତ ନିନ୍ଦା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ୫ଟି ପ୍ରମୁଖ ଦାବିକୁ ସର୍ବସମ୍ମତିକ୍ରମେ ଅନୁମୋଦିତ କରାଯାଇଥିଲା। ସମ୍ପୂର୍ଣ୍ଣ ଗନ୍ଧମାର୍ଦ୍ଦନ ପାହାଡ଼କୁ ଇକୋ ସେନସିଟିଭ୍ ଜୋନ୍ (ଇଏସ୍‌ଜେଡ୍)ଘୋଷଣା କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେବା ପ୍ରମୁଖ ଦାବି ରହିଥିଲା । ଏହା ସହିତ ନୃସିଂହନାଥ ଓ ହରିଶଙ୍କର ପର୍ଯ୍ୟଟନସ୍ଥଳୀକୁ ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ, ଗନ୍ଧମାର୍ଦ୍ଦନ ପର୍ବତରେ ଉପଲବ୍ଧ ୨୨ଶହ ବନୌଷଧିକୁ ଆଧାର କରି ଔଷଧ ନିର୍ମାଣ ପ୍ରକଳ୍ପ ସ୍ଥାପନ, ଐତିହାସିକ ମତ ଅନୁଯାୟୀ, ଗୌତମବୁଦ୍ଧଙ୍କ ପଟ୍ଟଶିଷ୍ୟ ନାଗାର୍ଜୁନଙ୍କ ଦ୍ୱାରା ଗନ୍ଧମାର୍ଦ୍ଦନରେ ପ୍ରତିଷ୍ଠିତ ହୋଇଥିବା ବୌଦ୍ଧ ବିଶ୍ୱ ବିଦ୍ୟାଳୟକୁ ଚିହ୍ନଟ କରି ତାକୁ ଐତିହାସିକ ପୀଠର ମାନ୍ୟତା, ପୂର୍ବରୁ ୨ଶହ ବର୍ଷ ଧରି ନୃସିଂହନାଥ ମନ୍ଦିର ପରିଚାଳିତ ହେଉଥିବା ପାଣ୍ଡିଆନି ଘରର ସୁରକ୍ଷା କରାଯିବା ନେଇ ଦାବି ଉପସ୍ଥାପନ ହୋଇଥିଲା। ଏହି ଦାବିଗୁଡ଼ିକ ଉଭୟ ରାଜ୍ୟ, କେନ୍ଦ୍ର ସରକାରଙ୍କଠାରେ ଉପସ୍ଥାପନ କରାଯିବା ପାଇଁ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ୩୬ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଅବସରରେ ଗନ୍ଧମାର୍ଦ୍ଦନ ଆନ୍ଦୋଳନକାରୀ ରଘୁବୀର ସିଂ ବରିହା, ଦୁର୍ଯ୍ୟୋଧନ ପୁଟା, ଧିରେନ ମହାନ୍ତି, ସୌକିଲାଲ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଖପ୍ରାଖୋଲ, ନୂଆପଡ଼ା, ବଲାଙ୍ଗୀର, ପଦ୍ମପୁର, ପାଟଣାଗଡ଼ ଆଦି ଅଞ୍ଚଳର ଯୁବ ପରିଷଦ ସକ୍ରିୟ ସଭ୍ୟ ପ୍ରତିଷ୍ଠା ଦିବସରେ ସାମିଲ ଥିଲେ ।


ଗନ୍ଧମାର୍ଦ୍ଦନ ଯୁବ ପରିଷଦର ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥି, ସଭ୍ୟବୃନ୍ଦ ।

